# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**24 December – 2025**

## ମୁଖ୍ୟମନ୍ତ୍ରୀ-ଜନଜାତି

ଜନଜାତି ସଂପ୍ରଦାୟ ସରକାରୀ ଯୋଜନାର ହିତାଧିକାରୀ ଏବଂ ପ୍ରଗତିର ସହଭାଗୀ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜନଜାତି ଉପଦେଷ୍ଟା ପରିଷଦ ବୈଠକରେ ଜନଜାତିଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଆଲୋଚନା ହୋଇଥିଲା । ଆଦିବାସୀ ଗ୍ରାମର ପୂଜକମାନଙ୍କ ପାଇଁ ଭତ୍ତା ବ୍ୟବସ୍ଥା, ପୂଜାସ୍ଥଳୀଗୁଡ଼ିକର ବିକାଶ ଓ ସୁରକ୍ଷା, ଆଦିବାସୀ ଅଞ୍ଚଳଗୁଡ଼ିକରେ ଇକୋ ଟ୍ୟୁରିଜିମ୍ ଓ ଟ୍ରାଇବାଲ୍ ହୋମ୍ ଷ୍ଟେ ବୃଦ୍ଧି କରାଯିବା ନେଇ ଆଲୋଚନା ହୋଇଥିଲା । ଆଦିବାସୀମାନଙ୍କର ସତ୍ତ୍ୱାଧିକାର ଉଭୟ ଓଡ଼ିଆ ଓ ଇଂରାଜୀରେ ଲେଖାଯିବା ସହିତ ଅନୁସୂଚିତ ଜନଜାତି ତାଲିକାରେ ଅଧିକ ଆଦିବାସୀ ସଂପ୍ରଦାୟର ବର୍ଗଙ୍କୁ ସାମିଲ କରିବା ନେଇ ଏକ ଅନୁଧ୍ୟାନ କମିଟିର ସୁପାରିଶ ଉପରେ ଆଲୋଚନା କରାଯାଇଥିଲା । ଏ ସଂପର୍କରେ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି : **V/O**

# ମୁଖ୍ୟମନ୍ତ୍ରୀ-ଏସସିବି ସମୀକ୍ଷା

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ-ଏସ୍‌ସିବି କୁ ବିଶ୍ୱସ୍ତରୀୟ ମେଡ଼ିକାଲ କଲେଜ ରୂପେ ବିକଶିତ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନଠାରେ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା ଅବସରରେ ଏସ୍‌ସିବି ମେଡ଼ିକାଲ କଲେଜରେ ୧୭ ମହଲା ବିଶିଷ୍ଟ ମଲ୍‌ଟି ଲେବଲ୍ ପାର୍କିଂ ସୁବିଧା , ମେଡ଼ିକାଲ ଛାତ୍ରମାନଙ୍କୁ ଚାପମୁକ୍ତ ରଖିବା ପାଇଁ ଇନ୍‌ଡୋର ଗେମ୍, ସୁଇମିଂପୁଲ୍, ମେଡ଼ିକାଲକୁ ଆସୁଥିବା ରୋଗୀଙ୍କ ସଂପର୍କୀୟଙ୍କ ପାଇଁ ଆବଶ୍ୟକୀୟ ସୁବିଧା ଉପଲବ୍ଧ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ବ୍ରହ୍ମପୁର ଓ ବୁର୍ଲା ମେଡ଼ିକାଲ କଲେଜର ପୁନଃବିକାଶ କାର୍ଯ୍ୟ ଉପରେ ବୈଠକରେ ଆଲୋଚନା ହୋଇଥିଲା ।

---

# ଧାନମଣ୍ଡି

ରାଜ୍ୟରେ ଗତକାଲି ସୁଦ୍ଧା ୯୭ ହଜାର ୯୭୨ ଜଣ ଚାଷୀଙ୍କଠାରୁ ୪ ଲକ୍ଷ ୩୯ହଜାର ୨୯୪ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଖରିଫ୍ ଧାନ ସଂଗ୍ରହର ସମୀକ୍ଷାରୁ ମିଳିଥିବା ସୂଚନା ଅନୁସାରେ, ବରଗଡ଼ ଜିଲ୍ଲରେ ସର୍ବାଧିକ ୩୬ ହଜାର

୩୫୬ ଜଣ ଚାଷୀଙ୍କଠାରୁ ୧ ଲକ୍ଷ ୬୩ ହଜାର ୨୮୮ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଛି ।

ସୂଚନା ଅନୁସାରେ ୧୧ଟି ଜିଲ୍ଲାରେ ଧାନ ସଂଗ୍ରହ ଚାଲିଛି ଏବଂ ଅନ୍ୟ ଜିଲ୍ଲାଗୁଡ଼ିକରୁ ନିର୍ଦ୍ଧାରିତ ସମୟରେ ଧାନ ସଂଗ୍ରହ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସିଂଦେଓ କହିଛନ୍ତି ।

ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକରେ ଗତକାଲି ୫ଟି ଧାନମଣ୍ଡିର ଶୁଭାରମ୍ଭ କରାଯାଇଛି । ୧୮ଟି ପଞ୍ଚାୟତରେ ଥିବା ସମବାୟ ସମିତି ଓ ସ୍ୱୟଂସହାୟକ ଗୋଷ୍ଠୀ ଚାଷୀଙ୍କଠାରୁ ଧାନ ସଂଗ୍ରହ କରୁଛନ୍ତି ।

---

## ଧନୁଯାତ୍ରା

ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଆଜିଠାରୁ ଆରମ୍ଭ ହେଉଛି। ସହରର ହାଟପଦା ପଡିଆରେ ରାଜ ଦରବାର ଓ ନିଶାମଣି ସ୍କୁଲ ପଡିଆରେ ରଙ୍ଗମହଲ ତିଆରି ହୋଇଛି। ଗୋପପୁର କାର୍ଯ୍ୟକ୍ରମ ଲାଗି ଆମ୍ବାପାଲିଠାରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଏହି ଅବସରରେ ଆଜି ବରଗଡ଼ ଗାନ୍ଧିଛକଠାରୁ ଶୋଭାଯାତ୍ରା ବାହାରି ସମଲେଶ୍ୱରୀ ମନ୍ଦିରକୁ ଯିବ । ସେଠାରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ହାଟପଦା ରାଜଦରବାରରେ ପହଞ୍ଚିବ । ଉଦ୍‌ଘାଟନୀ ଉତ୍ସବରେ ସାଂସଦ, ବିଧାୟକ, ଜିଲ୍ଲାପାଳଙ୍କ ଏବଂ ଅନ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ଉପସ୍ଥିତିରେ ସନ୍ଧ୍ୟାରେ ଧନୁଯାତ୍ରାର ଶୁଭାରମ୍ଭ ହେବ । ଆସନ୍ତା ମାସ ୩ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ ।

---

## ସ୍କାଉଟ୍ ଗାଇଡ୍

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲ୍ଲା ବରୁଣେଇ ପାହାଡ଼ସ୍ଥିତ ରାଜ୍ୟ ତାଲିମ କେନ୍ଦ୍ର ପରିସରରେ ଆୟୋଜିତ ୨୦ତମ ରାଜ୍ୟସ୍ତରୀୟ ଜାମ୍ବୋରେଟ୍ ଓ ସ୍ୱତନ୍ତ୍ର ଟ୍ରାଇବାଲ୍ ଜାମ୍ବୋରେଟ୍ ଗତକାଲି ଉଦ୍‌ଘାଟିତ ହୋଇଯାଇଛି । ବିଭିନ୍ନ ଜିଲ୍ଲାରୁ ୨ହଜାର ୫୦୦ରୁ ଅଧିକ ସ୍କାଉଟ୍ ଗାଇଡ୍ ଯୋଗ ଦେଇଛନ୍ତି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସ୍ନେହ ଓ ବନ୍ଧୁତା ସ୍ଥାପନ କରିବା ଦିଗରେ ଏହି କାର୍ଯ୍ୟକ୍ରମ ପ୍ରେରଣାଦାୟକ ହେବ ବୋଲି ଗତକାଲି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ମୁଖ୍ୟ ଅତିଥି ଲେଫ୍ଟନାଣ୍ଟ୍ କର୍ଣ୍ଣେଲ୍ ଯସ୍ମିନ ମିଶ୍ର କହିଛନ୍ତି ।

---

## ଗୋଷ୍ଠୀ ଜଙ୍ଗଲ କର୍ମଶାଳା

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକଠାରେ ଜିଲ୍ଲାସ୍ତରୀୟ ଗୋଷ୍ଠୀ ଜଙ୍ଗଲ ପରିଚାଳନା ସଂପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଗାଁଗୁଡ଼ିକୁ ଦିଆଯାଉଥିବା ଗୋଷ୍ଠୀ ସମ୍ବଳ ଅଧିକାରର  ସୁପରିଚାଳନା ପାଇଁ ଗଠିତ କମିଟିର କାର୍ଯ୍ୟଖସଡ଼ା ଏବଂ ଅନୁମୋଦନ ସଂପର୍କରେ ଆଲୋଚନା ହୋଇଥିଲା ।

---

# ଉପଭୋକ୍ତା ଦିବସ

ଉପଭୋକ୍ତାଙ୍କୁ ସେମାନଙ୍କର ଅଧିକାର ଏବଂ କର୍ତ୍ତବ୍ୟ ସଂପର୍କରେ ସଚେତନ କରିବା ଲକ୍ଷ୍ୟରେ ଆଜି ଜାତୀୟ ଉପଭୋକ୍ତା ଦିବସ ପାଳନ କରାଯାଉଛି । **ଡିଜିଟାଲ ନ୍ୟାୟ ମାଧ୍ୟମରେ ଦକ୍ଷ ଏବଂ ଶୀଘ୍ର ସମାଧାନ** ର ବାର୍ତ୍ତା ନେଇ ଚଳିତବର୍ଷ ଏହି ଦିବସ ପାଳନ କରାଯାଉଛି । ଉପଭୋକ୍ତାଙ୍କ ଅଧିକାରକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ ପ୍ରଣୟନ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଖାଉଟି ସୁରକ୍ଷା ନିମନ୍ତେ ଜିଲ୍ଲାସ୍ତରରେ କାର୍ଯ୍ୟ କରୁଥିବା ଜିଲ୍ଲା ଉପଭୋକ୍ତା ପରାମର୍ଶ କେନ୍ଦ୍ରଗୁଡ଼ିକୁ ଲୋକାଭିମୁଖୀ କରିବା ପାଇଁ ଦୃଢ଼ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବାର୍ତ୍ତାରେ କହିଛନ୍ତି । ଏହି ଦିବସ ପାଳନ ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସରକାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଦ୍ୱାରା ଖାଉଟି ବିପ୍ଳବକୁ ଅଧିକ ଲୋକାଭିମୁଖୀ କରିବା ଏବଂ ଖାଉଟିମାନଙ୍କର ସ୍ୱାର୍ଥକୁ ସୁରକ୍ଷିତ କରିବା ପାଇଁ ସଚେତନ ମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

# ପାଣିପାଗ

ରାଜ୍ୟରେ ଶୀତର ଲହରି ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତାକାଲିଠାରୁ  ଥଣ୍ଡାର ପ୍ରଭାବ ବୃଦ୍ଧି ପାଇବା ସହିତ କେତେକ ସ୍ଥାନରେ ଘନ କୁହୁଡ଼ି ଦେଖାଦେବ ।

କୋରାପୁଟଠାରେ ଗତକାଲି ସର୍ବନିମ୍ନ ତାପମାତ୍ରା ୬ ଦଶମିକ ୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା ।

................................................................................